# Akashvani, Sambalpur

## SAMBALPURI NEWS BULLETIN

### 20 September 2024- 6.47- 6.52 am.

*********************************************

ପ୍ରଧାନ୍‌ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ

ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ୍‌ଥି ଓଡ଼ିଶାର୍ ୨୭ ଟା ଜିଲ୍ଲାର୍ ୨ ଶହ ୩୨ ଟା ବ୍ଲକ୍‌ର ୭ ହଜାର୍ ୬ ଶହ ୬୭ ଟା ଜନଜାତି ବହୁଳ ଗାଁର୍ ୧୦ ଲାଖ୍ ୮୫ ହଜାର୍ ୬ ଶହ ୬୧ ଟା ଜନଜାତି ପରିବାର୍ ଲାଭ୍ ପାଏବେ । କେବିନେଟ୍ ନିଷ୍ପତି ଅନ୍‌ସାରେ ଇ ଅଭିଯାନ୍‌ଥି ୨୫ ଟା କାର୍ଯ୍ୟକ୍ରମ୍ ସାମିଲ୍ ହେବା । ଆଉ ୧୭ ଟା ମନ୍ତ୍ରଣାଳୟ ଆଉ ବିଭାଗ୍ ତର୍‌ଫୁ କାର୍ଯ୍ୟକାରୀ ହେବା । ଭିତିଭୂମି ବିକାଶ୍, ସାମାଜିକ୍ ଅର୍ଥନୈତିକ୍ ସଶକ୍ତିକରଣ୍, ସମସ୍ତଙ୍କର୍ ଲାଗି ଉତମ ଶିକ୍ଷା ଆର୍ ସ୍ୱାସ୍ଥ୍ୟକର ଜୀବନ୍ ସହେତେ ସମ୍ମାନ୍‌ଜନକ ବାର୍ଦ୍ଧକ୍ୟକେ ତହଁକାବାର୍‌କେ ଇଥି ଲକ୍ଷ୍ୟ ରଖାଯାଇଛେ ।

ସର୍କାରୀ ପଦ୍‌ବୀ ପୂରଣ-ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା ୫ ବଛର୍ ଭିତ୍‌ରେ ଦେଢ଼୍‌ଲାଖ୍ ସର୍କାରୀ ପଦ୍‌ବୀ ପୂରଣ୍ କରାଯାଇକରି ଯୁଆନ୍ ପିଲା ଟୁକେଲ୍ ମାନ୍‌କୁ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଗଲାକାଏଲ୍ ରାଜ୍ୟ ସର୍କାର୍‌ଙ୍କର୍ ଶହେ ଦିନ୍ ପୁରା ହେବାର୍ ଅବ୍‌ସରେ ପୁରୀ ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ମାଝୀ କହିଛନ୍ ଯେ, ଗାଁ ଇଲାକାନୁ ଖେଲ୍‌ର ବିକାଶ୍ ଲାଗି ସର୍କାର୍ ୯ ଶହ ୫୨ କୋଟି ଟଙ୍କା ବ୍ୟୟ ବରାଦ୍ କରିଛନ୍ । ଇତାର୍‌ଛଡ଼ା ରାଏଜେ ୧୧ ଟା ନୂଆଁ ଏମ୍‌ଏସ୍‌ଏମ୍‌ଇ ପାର୍କ ପ୍ରତିଷ୍ଠା କରାଯିବା । ରାଉର୍‌କେଲା, ସମ୍ବଲ୍‌ପୁର୍, ପାରାଦ୍ୱୀପ୍ ଆର୍ ଧାମ୍‌ରା ଇଲାକାକେ ନେଇକରି ଇଣ୍ଡିଷ୍ଟ୍ରିଆଲ୍ କରିଡ଼ର୍ କରାଯାଉଛେ ବଲି ଶ୍ରୀ ମାଝୀ କହିଛନ୍ ।

ମିଶନ୍ ଶକ୍ତି କଲ୍ ସେଂଟର୍ ଅଡିଟୋରିୟମ/ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ପୋଖରୀପୁଟ୍ ନ ଥିବା ମିଶନ୍ ଶକ୍ତି ଭବନ୍ ପରିସର୍ ନ ଆଏଜ୍ ମିଶନ୍ ଶକ୍ତି କଲ୍ ସେଂଟର୍ ଅଡିଟୋରିୟମ୍ ଖୁଲାଯିବା । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଇଟା ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଚିପ୍‌ଲିମା ପାୱାର୍ ଚେନାଲ-ଉପମୁଖ୍ୟମନ୍ତ୍ରୀ

ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲାର୍ ଚିପ୍‌ଲିମା ପାୱାର୍ ଚେନାଲ୍‌ର କେତେକ୍ ଅଂଶ ମରାମତି ଲାଗି ଦର୍‌କାରୀ ପଦକ୍ଷେପ୍ ନିଆଯିବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ୱାପ୍‌କୋସ୍ ର ପ୍ରତିନିଧି ମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଲୋକ୍‌ସେବା ଭବନ୍‌ର ସମ୍ମିଲନୀ କକ୍ଷଥି ୱାପ୍‌କୋସ୍‌ର ପ୍ରତିନିଧି ଆଉ ଉପମୁଖ୍ୟମନ୍ତ୍ରୀ ଶକ୍ତି, ଜଲ୍‌ସେଚନ୍ ଆଉ ଭିତିଭୂମି ବିକାଶ୍ ଉପ୍‌ରେ ଆଲୋଚନା କରିଥିଲେ । ଇଥି ରେଙ୍ଗାଲି ଜଲ୍‌ସେଚନ୍ ପ୍ରକଳ୍ପ, ଗଙ୍ଗାଧର୍ ମେହେର୍ ଉଠାଜଲ୍‌ସେଚନ୍ ଆଉ ଚିପିଲିମା ପାୱାର୍ ଚେନାଲ୍‌ର ମରାମତି ବାବ୍‌ଦେ ଆଲୋଚନା ହେଇଛେ ।

ସିଏମ୍ କିଷାନ୍ -ପଞ୍ଜିକରଣ          ଆର୍ଏନ୍ୟୁ /ସମ୍ବଲପୁର

ସିଏମ୍ କିଷାନ୍ ଯୋଜ୍ନାଥି ନୂଆଁ ହିତାଧିକାରୀମାନେ ସିଏମ୍ କିଷାନ୍ ପୋର୍ଟାଲ୍ cmkisan.odisha.gov.in ଥି ଏଛେନ୍ ଭିଲ୍ ପଞ୍ଜିକରଣ୍ କରିପାର୍ବେ । ପଞ୍ଜିକରଣ୍ ସମିଆ ଆଏବା ନଭେମ୍ବର୍ ୮ ତାରିଖ୍ତକ୍ ରଖାଯାଇଛେ । ଇ ଯୋଜ୍ନା ଜରିଏ ଚାଷୀମାନେ ୨ ହଜାର୍ ଟଙ୍କା ଲେଖା ୨ ଟା କିସ୍ତିଥି ବଛର୍କ ୪ ହଜାର୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ପାଇପାର୍ବେ ବଲି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ସୂଚ୍ନା ଦେଇଛନ୍ ।

ଯକ୍ଷ୍ମା- ବିସିଜି ଟୀକା      ଆର୍ଏନ୍ୟୁ /ସମ୍ବଲପୁର

ରାଜ୍ୟର୍ ଯକ୍ଷ୍ମା ରୋଗ୍କେ ଆଏତ୍ କର୍ବାର୍ ଲାଗି ଆଏବା ମାସ ୧୫ ଟା ଜିଲ୍ଲା ନ ବିସିଜି ଟୀକା ଦିଆଯିବା । ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍ଗଡ୍, ଝାର୍ସୁଗୁଡ଼ା, ବଲାଙ୍ଗିର୍, ବୌଦ୍ଧ ସହେତେ ୧୫ ଟା ଜିଲ୍ଲାର୍ ୬ ଟା ବର୍ଗର୍ ଲୁକ୍କୁ ଇ ଟୀକା ଦିଆଯିବା । ୬୦ ବଛର୍ନୁ ଅଏତ୍କା ବୟସର୍ ଲୋକ୍, ଧୂମପାନକାରୀ, ଯକ୍ଷ୍ମାଥି ଚିକିତ୍ସିତ୍ ରୋଗୀ ଆଉ ତାଙ୍କର୍ ପରିବାର୍ ଲୁକ୍କୁ ଇ ଟୀକା ଦିଆଯିବା । ଇ

ବଛର୍ ଜୁଲାଇ ମାସ୍ତକ୍ ରାଏଜେ ୩୫ ହଜାର୍ ରୋଗୀ ଚିହ୍ନଟ୍ ହେଇଛନ୍ । ସେଥିର୍ଲାଗି ଟୀକାକରଣ୍ କରାଯିବା ।

ପଶ୍ଚିମବଙ୍ଗ୍- ଅଣ୍ଡା, କୁକୁଡ଼ା ଆର୍ଏନ୍ୟୁ /ସମ୍ବଲପୁର

ଓଡ଼ିଶା ନୁ ଅଣ୍ଡା ଆଉ କୁକୁଡ଼ା ନେବାର୍କେ ଜାରି ହେଇଥିବା କଟ୍କନାକେ ପଶ୍ଚିମବଙ୍ଗ୍ ସର୍କାର୍ ତର୍ଫୁ ଉଠେଇ ନିଆଯାଇଛେ । ଏତ୍କେ ଓଡ଼ିଶାନୁ ଯାଉଥିବା ଅଣ୍ଡା ଆଉ କୁକୁଡ଼ା ଗାଡ଼ିମାନ୍କୁ ପଶ୍ଚିମବଙ୍ଗ୍କେ ଯିବାର୍ ଲାଗି ପଶ୍ଚିମବଙ୍ଗ ସର୍କାର୍ ନିଷ୍ପତି ନେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ପୁରୀ ଜିଲ୍ଲା ନ ବାର୍ଡ଼ ଫ୍ଲୁ ହେଇଥିବାର୍ ଆଶଙ୍କା କରିକରି ୨ ହପ୍ତା ତଲେ ପଶ୍ଚିମବଙ୍ଗ୍ ସର୍କାର୍ ଓଡ଼ିଶାନୁ ଅଣ୍ଡା ଆଉ କୁକୁଡ଼ା ନେବାର୍ ଉପ୍ରେ କଟକ୍ନା ଲଗେଇଥିଲେ ।

ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଦେବଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ ଆଦର୍ଶ ବିଦ୍ୟାଳୟ ଠାନେ ଜିଲ୍ଲାସ୍ତରୀୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ୍ ହେଇଯାଇଛେ । ଇଥି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ଜିଲ୍ଲାଶିକ୍ଷା ଅଧିକାରୀ

ରାଧାକାନ୍ତ ଗଡ଼ତିଆ, ଜିଲ୍ଲାପରିଷଦ୍ ସଭାପତି କୌଶିକ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇଥିଲେ । ପ୍ରତିଷ୍ଠା ଦିବସ୍ ସମାରୋହଥି ଜିଲ୍ଲାର୍ ୩ଟା ଆଦର୍ଶ ବିଦ୍ୟାଳୟର୍ ଛାତ୍ରଛାତ୍ରୀମାନେ ଶୈକ୍ଷିକ ଆଉ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ଥି ଭାଗ୍ ନେଇଥିଲେ ।

ସ୍ୱଚ୍ଛ ଭାରତ୍ ଅଭିଯାନ୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ସ୍ୱଚ୍ଛ ଭାରତ୍ ଅଭିଯାନ୍‌ର ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଛାତ୍ରଛାତ୍ରୀ, ସ୍ୱଚ୍ଛ ସାଥୀ ଆଉ ଏନ୍‌ସିସି ତର୍‌ଫୁ ସଚେତନତା ଶୋଭାଯାତ୍ରା ସହର୍ ଆର୍ ଗାଁ ପରିକ୍ରମା କରିଥିଲା । ସ୍ୱଚ୍ଛତାକେ ନେଇକରି ବିଦ୍ୟାଳୟ ଆର୍ ମହାବିଦ୍ୟାଳୟକେ ଚିତ୍ରାଙ୍କନ, ବକ୍ତୃତା ଆଉ ଝୁଟି ବାଗିର୍ ପ୍ରତିଯୋଗିତା ଆୟୋଜନ୍ କରାଯାଇଥିଲା ।

ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆ ନ ଜିଲ୍ଲା ବିଦ୍ୟାଳୟ ସଂଗଠନ୍ ତର୍‌ଫୁ ଜିଲ୍ଲାସ୍ତରୀୟ କ୍ରୀଡ଼ା

ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । ଇଥି ଖୋ ଖୋ, କବାଡ଼ି, ଭଲିବଲ୍, ବେଡ଼ମିଂଟନ୍ ଖେଲ୍ ହେବାର୍‌କେ ଥିବାର୍ ବେଲେ ୫ ଟା ବ୍ଲକ୍‌ସ୍ତରୀୟ ଦଲର୍ ପ୍ରତିଯୋଗିତା ହେବା । ଶ୍ରେଷ୍ଠ ଦଲ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାଥି ଭାଗ୍ ନେବାର୍‌କେ ସୁଯୋଗ୍ ପାଏବେ ।

ମୌସୁମୀ ଆର୍‌ଏନ୍‌ୟୁ /ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଉ ୨ / ୩ ଦିନ୍ ଭିତ୍‌ରେ ଫିରିଯିବାର୍ ପ୍ରକ୍ରିୟା ମୁଲ୍ ହେବା । ମୌସୁମୀ ଫିର୍‌ବାର୍ ଲାଗି ପାଗ ଅନୁକୁଲ୍ ହେଉଥିବାର୍ ବେଲେ ଆଏବା ୨୩ ତାରିଖ୍ ଆଡ଼େ ଉତର୍ ପଶ୍ଚିମ ଭାରତ୍ ନ ମୌସୁମୀ ବାୟୁ ଫିର୍‌ବାର୍‌କେ ମୁଲ୍ କର୍‌ବାର୍ ସମ୍ଭାବନା ରହିଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ହେଲେ ଓଡ଼ିଶା ନ ମୌସୁମୀ ଫିର୍‌ବାର୍ ଲାଗି ଆଉ କିଛି ସମିଆ ଲାଗ୍‌ବା ବଲି ଜନାପଡ଼ିଛେ । ଓଡ଼ିଶା ନୁ ସାଧାରଣତଃ ଅକ୍ଟୋବର୍ ୧୫ ତକ୍ ମୌସୁମୀ ବାୟୁ ଫିରିଥିସି ।